# Akashvani, Sambalpur

## SAMBALPURI NEWS EVENING BULLETIN

## 23 April 2026-7.02- 7.12 pm.

---

୧- ଓଡ଼ିଶାର୍ ଯୁଆନ୍ ପିଢ଼ି ଲାଗି ଆଏବା ଦଶନ୍ଧି ଗୁଟେ ସୁବର୍ଣ୍ଣ ଦଶକ୍ ହେବା କହେଲେ ମୁଖ୍ୟମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ନ ୭ ଟା ବିଭାଗ୍‌ର ୪ ହଜାର୍ ୬ ଶହ ୨୩ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ଜନଗଣନା ଥି ନିୟୋଜିତ୍ କର୍ମଚାରୀ ମାନ୍‌କର୍ ସୁରକ୍ଷା ଲାଗି ମାର୍ଗଦର୍ଶିକା ଜାରି କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଆଏଜ୍ ନିଆଯିବା ସ୍କୁଲ୍ ଛୁଟି ନିଷ୍ପତି ।

- ରାଜ୍ୟର୍ ୧୬ ଟା ଜାଗା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ।

ମୁଖ୍ୟମନ୍ତ୍ରୀ-ବିକଶିତ୍ ଓଡ଼ିଶା          ଆର୍ଏନ୍ୟୁ/ କଟକ୍

ଯୁବ ସମାଜ୍‌କେ ଦକ୍ଷ କର୍‌ବାର୍ ସହେତେ ସେମାନ୍‌କର୍ ଲାଗି ବ୍ୟାପକ୍ ସୁଯୋଗ୍ ତିଆର୍ କର୍‌ବାର୍ ସର୍‌କାର୍‌ଙ୍କର୍ ମୁଖିଆ ଲକ୍ଷ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍, ଓଡ଼ିଆ ଯୁବକ୍‌ମାନେ ଖାଲି ନିଯୁକ୍ତି ନାଇଁ ଖୁଜିକରି ନିଯୁକ୍ତି ପ୍ରଦାନ୍‌କାରୀ ହେବେ । ଆଏବା ୧୦ ବଛର୍ ଓଡ଼ିଶାର୍ ଯୁଆନ୍ ବର୍ଗଙ୍କର୍ ଲାଗି ଗୁଟେ ସୁବର୍ଣ୍ଣ ଦଶକ୍ ହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ବିକାଶ୍‌ର ଢକିଆ ଖାଲି ସହର୍‌ତକ୍ ସିମିତ୍ ନାଇଁ ରଖିକରି ଫିʼ ଜିଲ୍ଲା ପଂଚାୟତ୍ ଆଉ ଗାଁତକ୍ ପୁହୁଁଚିବାର୍ ଦର୍‌କାର୍ । ଇଥିର୍‌ଲାଗି ସର୍‌କାର୍ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍, କୃଷି ଆଧାରିତ୍ ଉଦ୍ୟୋଗ୍‌କେ ତହଁକଉଛନ୍ । ଆଏବା ଦିନେ ରାଏଜେ ସଡ଼କ୍, ରେଲ୍‌ପଥ୍ ସହେତେ ସେମିକଣ୍ଡକ୍ଟର୍,

ଆଇ.ଟି. , ଏ.ଆଇ., ଫିନ୍‌ଟେକ୍ ବାଗିର୍ ଆଧୁନିକ୍ ଶିକ୍ଷ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନିଯୁକ୍ତି ମେଳା        ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୭ ଟା ବିଭାଗ୍‌ର ୪ ହଜାର୍ ୬ ଶହ ୨୩ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ୪ ହଜାର୍ ଶହେ ୧୩ ଝନ୍, ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍‌ର ଶହେ ୫୪ ଅଣ୍ଟୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ବିଭାଗ୍‌ର ଶହେ ୪୩, ଖଣି ଆଉ ଶିଳ୍ପ ବିଭାଗ୍‌ର ୭୭, ମତ୍ସ୍ୟ ଆଉ ପଶୁସମ୍ପଦ୍ ବିଭାଗ୍‌ର ୭୦, ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ୫୧ ଆଉ ଦକ୍ଷତା ବିକାଶ୍ ଆଉ ପ୍ରଯୁକ୍ତିବିଦ୍ୟା ବିଭାଗ୍ର ୧୪ ଝନ୍‌କୁ ନିଯୁକ୍ତି ପତ୍ର ଦିଆଯାଇଛେ ।

ନିର୍ବାଚନ୍        ଏନ୍‌ଏସ୍‌ଡି

ପଶ୍ଚିମବଙ୍ଗ୍ ନ ପହେଲା ଖେପ୍ ଆଉ ତାମିଲ୍‌ନାଡୁ ବିଧାନ୍‌ସଭା ନିର୍ବାଚନ୍ ଲାଗି ଭୋଟ୍ ଗ୍ରହଣ୍ ସରିଛେ । ସଖାଲର୍ ୭ ବଜେନୁ ମୁଲ୍ ହେଇଥିବା ଭୋଟ୍ ବେଲ୍‌ବୁଡ଼ର୍ ୬ ବଜେତକ୍ ଚାଲିଥିଲା । ଉପର୍‌ବେଲା ୫ ବଜେତକ୍ ପଶ୍ଚିମବଙ୍ଗ୍ ନ ୮୯ ଦଶ୍‌ମିକ୍ ୯/୩ ପ୍ରତିଶତ୍ ଆଉ ତାମିଲ୍‌ନାଡୁ ନ ୮୨ ଦଶ୍‌ମିକ୍ ୨/୪ ପ୍ରତିଶତ୍ ମତଦାତା ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ କରିଛନ୍ । ତାମିଲ୍‌ନାଡୁ ନ ୨ ଶହ ୩୪ ଟା ବିଧାନ୍‌ସଭା ଆସନ୍ ଲାଗି ୪ ହଜାର୍ ୨୩ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢ଼ିଛନ୍ । ରାଏଜେ ୭୫ ହଜାର୍ ୬୪ ଟା ବୁଥ୍ ନ ମତଦାନ୍ ହେଇଛେ । ପଶ୍ଚିମବଙ୍ଗ୍ ବିଧାନ୍‌ସଭା ନିର୍ବାଚନ୍‌ର ପହେଲାଖେପ୍ ଲାଗି ଆଏଜ୍ ୧୬ ଟା ଜିଲ୍ଲାର୍ ଶହେ ୫୨ ଟା ଆସନ୍ ଲାଗି ଭୋଟ୍ ହେଇଛେ । ୧ ହଜାର୍ ୪ ଶହ ୭୮ ଝନ୍ ପ୍ରାର୍ଥୀ ଇ ନିର୍ବାଚନ୍ ଲଢୁଛନ୍ । ପଶ୍ଚିମବଙ୍ଗ୍ ନ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଆଏବା ୨୯ ତାରିଖ୍ ବୁଧିବାର୍ ଦିନ ହେବା ।

ଜନଗଣନା-ମାର୍ଗଦର୍ଶିକା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ପହେଲା ଖେପ୍ ଜନଗଣନା ଲାଗି ରାଜସ୍ୱ ବିଭାଗ୍ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍, ମହାନଗର୍ ନିଗମ୍ ଆୟୁକ୍ତମାନ୍‌କୁ ଚିଠି କରାଯାଇଛେ । ଜନଗଣନା କାମ୍‌ଥି ନିୟୋଜିତ୍ ଥିବା ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ସୁରକ୍ଷା ଲାଗି ଜରୁରୀ ପଦକ୍ଷେପ୍ ନେବାର୍‌କେ ମାର୍ଗଦର୍ଶିକାଥି କୁହାଯାଇଛେ । ଗଣନାକାରୀ ଆଉ ପର୍ଯ୍ୟବେକ୍ଷକ୍‌ମାନେ ସବୁବେଲେ ସର୍‌କାରୀ ପରିଚୟ ପତ୍ର ପିନ୍ଧ୍‌ବାର୍ ସହେତେ ନିଯୁକ୍ତିପତ୍ର ଧରିକରି ଫିଲ୍ଡ୍‌କେ ଯିବାର୍‌କେ କୁହାଯାଇଛେ । ସମ୍ବେଦନ୍‌ଶୀଲ୍ ଇଲାକାମାନ୍‌କେ ପୁଲିସ୍ କର୍ମଚାରୀ ମୁତୟନ୍ କରାଯିବା । ଜନଗଣନା କାମ୍‌ଥି କେହି ବାଧା ଦେଲେ ୧୯୪୮ ଜନଗଣନା ଆଇନ୍ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମାର୍ଗଦର୍ଶିକାଥି କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଶ୍ରମିକ୍ କଟ୍‌କନା ଆର୍‌ଏନ୍‌ୟୁ/ କଟକ୍

ବଢୁଥିବା ଖରାକେ ନଜର୍‌ଥି ରଖିକରି ରାଜ୍ୟ ସରକାର୍ ଶ୍ରମିକ୍‌ମାନ୍‌କୁ ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେ ଭିତ୍‌ରେ କାମ୍ ନାଇଁ କର୍‌ବାର୍‌କେ କଟ୍‌କନା ଲାଗୁ କରିଛନ୍ । କେନ୍‌ସି ବେସର୍‌କାରୀ ସଂସ୍ଥା ଇ ନିୟମ୍‌ର ଖିଲାପ କଲେ ସେମାନ୍‌କର୍ ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରମମନ୍ତ୍ରୀ ଗଣେଶ୍‌ରାମ୍ ସିଂ ଖୁଂଟିଆ କହିଛନ୍ ।

(ଭଏସ୍ ଓଭର୍- ଶ୍ରମମନ୍ତ୍ରୀ)

ଝାର୍‌ସୁଗୁଡ଼ା ଠାନେ ଶିଳ୍ପ ଆଉ ପୋଢୁ ଚାଷ୍ ଲାଗି ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଚାଷୀମାନେ ପାରମ୍ପାରିକ୍ ହିସାବେ ଅମଲ୍ ଉତ୍‌ରୁ ଜମିନ୍‌ଥି ନିଆଁ ଲଗଉଛନ୍ । ଯେନ୍‌ଥିର୍‌ଲାଗି ତାପମାତ୍ରା ବଢୁଛେ । ଚାଷୀମାନେ ଇ କାମ୍ ନାଇଁ କର୍‌ବାର୍ ଲାଗି ଆଉ ସେମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ରବି ଧାନ୍ ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଆଏବା ମାସ ୧ ତାରିଖ୍‌ନୁ ଚାଷୀମାନ୍‌କର୍ ଠାନୁ ରବି ଧାନ୍ ଘିନ୍‌ବେ । ଇ ପ୍ରକ୍ରିୟା ଜୁନ୍ ମାସର୍ ୩୦ ତାରିଖ୍‌ତକ୍ ଚାଲ୍‌ବା । ସମବାୟ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ ସିଂ ୨୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ଚିଠି ଲେଖିକରି ଇ ବାବ୍‌ଦେ ଜନେଇଛନ୍ । ରବି ଧାନ୍ ବିକ୍ରି ଲାଗି ଚାଷୀମାନେ ଗଲା ମାର୍ଚ୍ଚ ମାସ ୧୦ ତାରିଖ୍‌ନୁ ୨୫ ତାରିଖ୍ ଭିତ୍‌ରେ ପଞ୍ଜିକରଣ୍ କରିଥିଲେ । ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଧାନ୍ ମଣ୍ଡି ମାନ୍‌କେ ଚାଷୀମାନ୍‌କର୍ ଲାଗି ସଫା ପିଇବାର୍ ପାନିର୍ ସୁବିଧା ଆଉ ଖରାଦିନିଆ ଆଶ୍ରୟସ୍ଥଲୀର୍ ବ୍ୟବସ୍ଥା କରାଯାଇଛେ । ପଡ଼ୋଶୀ ରାଜ୍ୟନୁ ଯେନ୍ତା ଧାନ୍ ନାଇଁ ଆସ୍‌ବା ସେଥିର୍‌ଲାଗି ସୀମାକେ ସିଲ୍ କର୍‌ବାର୍‌କେ ବିଭାଗ୍ ତରଫୁ ନିଷ୍ପତି ନିଆଯାଇଛେ ।

ସିଟି ଗେସ୍ ବିତରଣ୍ ହି.ସ.

ରାଏଜେ ଆଏବା ୬ ମାସ୍ ଭିତ୍‌ରେ ଓଡ଼ିଶା ସିଟି ଗେସ୍ ବିତରଣ୍ ନୀତି କାର୍ଯ୍ୟକାରୀ କରାଯିବା ବଲି ଖାଦ୍ୟଯୋଗାଣ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର ସୂଚ୍ନା ଦେଇଛନ୍ । ସହର୍ ନ ଇ ନୀତି ପିଏନ୍‌ଜି, ସିଏନ୍‌ଜି ବ୍ୟବସ୍ଥା ଜରିଏ ଲାଗୁ କରାଯିବା । ସିଏନ୍‌ଜି ଗାଡ଼ିକେ ଅଏତ୍‌କା ପ୍ରୋତ୍ସାହନ୍ ମିଲ୍‌ବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଗଲାକାଏଲ୍ କେବିନେଟ୍‌ଥି ଗେସ୍ ବିତରଣ୍ ନୀତି ମଞ୍ଜୁରୀ ପାଇଛେ । ଓଡ଼ିଶା ସିଟି ଗେସ୍ ବିତରଣ୍ ନୀତିକେ କେବିନେଟ୍ ମଞ୍ଜୁରୀ ମିଲ୍‌ବାର୍ ଉତ୍‌ରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରଶଂସା କରିକରି କହିଛନ୍, ଇଟା ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ ଆଏ । ଇ ନୀତି ଜରିଏ ସାରା ରାଏଜେ ପିଏନ୍‌ଜି ଆଉ ସିଏନ୍‌ଜି ଭିତିଭୂମିର୍ ସମ୍ପ୍ରସାରଣ୍ ତୁର୍‌ତି ହେବା ।

ବିଶ୍ୱ ପୁସ୍ତକ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବହିର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାବାର୍ ଲାଗି ଫି' ବଛର୍ ଆଝିର୍ ଦିନେ ବିଶ୍ୱ ପୁସ୍ତକ୍ ସତ୍ତ୍ୱାଧିକାର୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ବହୁ

ଭାଷିକତା ଆଉ ପୁସ୍ତକର ସୁଗମତା ମାଧ୍ୟମରେ ସ୍ୱାକ୍ଷରତାକୁ ପ୍ରୋତ୍ସାହିତ କରିବା' । ଇ ବାବ୍‌ଦେ ଶୁନୁନ୍ ଗୁଟେ ରିପୋର୍ଟ-

(ଭଏସ୍ ଓଭର୍- ସୁପ୍ରିତ୍ରୀ ମିଶ୍ର)

ବହି ପଢ଼୍‌ବାର୍ ଖୁସି, ଶକ୍ତି, ଲେଖକ୍ ଆଉ ସ୍ରଷ୍ଟାଙ୍କର୍ ଅଧିକାର୍‌ର ସୁରକ୍ଷାକେ ଆଝିରର୍ ଦିନ୍ ସୁର୍‌ତା କରାସି । ବହି ମାନବ୍ ସମାଜ୍‌ର ଜୀବନ୍ତ ଦର୍ପଣ୍ ଆଏ । ଇଟା ଆମ୍‌କୁ ଅତୀତ୍ ସାଙ୍ଗେ ଜୁଡ଼ି ରଖ୍‌ବାର୍, ବର୍ତମାନ୍‌କେ ବୁଝ୍‌ବାର୍ ଆଉ ଭବିଷ୍ୟତ୍ ଲାଗି ରାହା ଦେଖାସି । ବହିର୍ ଜରିଏ ଭିନ୍ ଭିନ୍ ସଂସ୍କୃତି ଆଉ ଭାଷାର ଲୋକ୍‌ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍ ଦେଖ୍‌ବାର୍‌କେ ମିଲ୍‌ସି । ଡିଜିଟାଲ୍ ଯୁଗ୍‌ଥି ବହିର୍ ପରିଭାଷା ବଦ୍‌ଲିଥିଲେ ଭିଲ୍ ଇଟାର୍ ମୂଲ୍ୟ ଆଉ ପ୍ରାସଙ୍ଗିକତା ଆଏଜ୍ ଭିଲ୍ ସେନ୍ତା ରହିଛେ । ପ୍ରିଂଟ୍ ବହି ଇ-ବୁକ୍, ଅଡିଓ ବୁକ୍ ଆଉ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଜ୍ଞାନ୍‌ର ଭଣ୍ଡାର୍‌କେ ଆହୁରି ବର୍‌କସ୍ କରୁଛେ । ଆଝିରର୍ ଦିନେ ୱିଲିୟମ୍ ସେକ୍ସପିୟର୍, ମିଗୁଏଲ୍ ସର୍ଭାଂଟେସ୍ ଆଉ ଇନଙ୍କା ଗାର୍ସିଲାସୋଙ୍କର୍ ବାଗିର୍ ବିଶିଷ୍ଟ ସାହିତ୍ୟକାର୍‌ଙ୍କର୍ ଜନମ୍ ଆଉ ପରଲୋକ୍ ହେଇଥିଲା । ୧୯୯୫ ମସିହାଥି ପେରିସ୍‌ଠାନେ ହେଇଥିବା ୟୁନେସ୍କୋର

ସାଧାରଣ ସମ୍ମିଲନୀଥି ବହି ଆଉ ଲେଖକ୍‌ମାନ୍‌କୁ ସମ୍ମାନ୍ ଦେବାର୍ ଲାଗି ଗୁଟେ ବିଶ୍ୱସ୍ତରୀୟ ଦିବସ୍ ଭାବେ ଘୋଷ୍‌ନା କରାଯାଇଥିଲା । ସ୍ୱାଧିକାର୍ ଖାଲି ଆଇନ୍‌ଗତ ବ୍ୟବସ୍ଥା ନୁହେଁସେ ଇଟା ସୃଜନଶୀଳତାର୍ ସୁରକ୍ଷା କବଚ୍ ଆଏ । ଯେନ୍‌ଟା ଲେଖକ୍‌ମାନ୍‌କୁ ସେମାନ୍‌କର୍ ଲେଖା ଉପ୍‌ରେ ଅଧିକାର୍ ଦେଇକରି  ନୂଆଁ ସୃଜନ୍‌କେ ତହଁକାସି । ବହି ହେଉଛେ ସାଂସ୍କୃତିକ୍ ଅଭିବ୍ୟକ୍ତିର ଗୁଟେ ରୂପ୍ । ଯେନ୍‌ଟା ଗୁଟେ ଧାରିଜ୍ ଭାଷାଥି ବଂଚ୍‌ସି ଆଉ ସେଥି ଗୁଟେ ଅଭିବ୍ୟକ୍ତିର୍ ଅଂଶ ଭାବେ ରହେସି । ଆଜିରର୍ ଦିବସ୍ ହେଉଛେ ଜ୍ଞାନ୍‌ର ଉତ୍ସବ୍, ସଂସ୍କୃତିର୍ ସେତୁ ଆଉ ସୃଜନଶୀଳତାକେ ସମ୍ମାନ୍ ଜନାବାର୍ ଗୁଟେ ସୁନ୍ଦର୍ ଅବ୍‌ସର୍ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତରଫୁ ସୁପ୍ରିତ୍ରୀ ମିଶ୍ର ।

ସାମ୍ବାଦିକ ସମ୍ମିଲନୀ        ପୁରୀ ସମ୍ବାଦଦାତା

ସଂସଦ୍ ନ ଶହେ ୩୧ ନମ୍ବର୍ ସମ୍ବିଧାନ୍ ସଂଶୋଧନ୍ ବିଲ୍, ସୀମା ନିର୍ଦ୍ଧାରଣ୍ ବିଲ୍, ନାରୀଶକ୍ତି ବନ୍ଦନ୍ ଅଧିନିୟମ୍ ବାବ୍‌ଦେ ଲୁକ୍‌କୁ

ସଚେତନ୍ କର୍‌ବାର୍ ଲାଗି ପୁରୀ ନ ଗୁଟେ ସାମ୍ବାଦିକ ସମ୍ମିଲନୀ ହେଇଛେ । କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍, ସାଂସଦ୍ ଡକ୍ଟର୍ ସମ୍ବିତ୍ ପାତ୍ର ଇ ୩ ଟା ବିଲ୍ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌କେ ଲାଗିଛେ । ଆଏଜ୍ ରାଜ୍ୟର୍ ୧୬ ଟା ଜାଗା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ଼ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୧୭ ଟା ଜିଲ୍ଲାକେ ହିଟ୍‌ୱେଭ୍ ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଖରାର୍ ତାତିକେ ନଜର୍‌ଥି ରଖିକରି ଆଏଜ୍ ଏସ୍‌ଆର୍‌ସିଙ୍କର୍ ସହେତେ ବୈଠକ୍ ଉତ୍‌ରୁ ସ୍କୁଲ୍ ଛୁଟି ବାବ୍‌ଦେ ନିଷ୍ପତି ନିଆଯିବା ବଲି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ।